ଭାରତୀୟ ଜନତା ପାର୍ଟି, ଓଡିଶା

## ମହାଲେଖାକାରଙ୍କ ସଦ୍ୟତମ ରିପୋର୍ଟକୁ ନେଇ ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା

# ନବୀନ ହେଉଛନ୍ତି ଦୁର୍ନୀତି ସାମ୍ରାଜ୍ୟର ସମ୍ରାଟ : ବିଜେପି

- ସିଏଜି ରିପୋର୍ଟ ଆଧାରରେ ୨ଜି, ରାଜ୍ୟଗୋଷ୍ଠୀ କ୍ରୀଡା, କୋଲ ଗେଟ୍ ଦୁର୍ନୀତିରେ ଲିପ୍ତ କଂଗ୍ରେସ ନେତ୍ରୀ ତଥା ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିଳା ଦୀକ୍ଷିତ, କଂଗ୍ରେସ ନେତା ସୁରେଶ କାଲମାଡି, ଡିଏମକେ ନେତା ଏ.ରାଜା ଏବଂ କାନିମୋଝୀଙ୍କ ଦଶା ଭୋଗିବେ ନବୀନ ଓ ଟିମ୍
- ବିଜୁ ଯୁବବାହିନୀ ନାଁରେ ଗୁଣ୍ଡାବାହିନୀ ଗଠନ କରିଛି ବିଜେଡି
- ବିଜୁ ଯୁବବାହିନୀ ପାଇଁ ଟଙ୍କା ଖର୍ଚ୍ଚ ଉପରେ ସିଏଜିଙ୍କ ରୋକ ଲଗାଇବା ନେଇ ତଥ୍ୟ ରାଜ୍ୟ କ୍ରୀଡାଯୁବ ବ୍ୟାପାର ବିଭାଗ ସୁତ୍ରରୁ ଜଣାପଡିଛି
- ଏହି ମାମଲାରେ ଖେଳ ସଚିବ ବିଶାଳ ଦେବ ରଖନ୍ତୁ ସ୍ପଷ୍ଟୀକରଣ
- ଦୁର୍ନୀତି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କ ହସକୁ ରାମାୟଣର ଅତି ଗର୍ବୀ ରାବଣର ହସ, ମହାଭାରତର ମାନି ଦୁର୍ଯ୍ୟୋଧନ ହସ, ଦ୍ୱାପରର ପାପୀ କଂସର ହସ ସହିତ ମିଶିଯାଉଛି
- ନବୀନ ସରକାର ବ୍ୟାପକ ଦୁର୍ନୀତିରେ ଲିପ୍ତ ବୋଲି ସିଏଜି ରିପୋର୍ଟରେ ସ୍ପଷ୍ଟ
- ଯୁସି ଦେବୁନି ପିସି ନେବୁ ନବୀନଙ୍କ ନୀତି ସିଏଜି ରିପୋର୍ଟରେ ସ୍ପଷ୍ଟ
- ଦୁର୍ନୀତି ବିରୋଧରେ ଅଦାଲତର ଦ୍ୱାରସ୍ଥ ହେବ ଦଳ

**ଭୁବନେଶ୍ୱର, ତା୨୧/୯ :** ମହାଲେଖାକାରଙ୍କ ସଦ୍ୟତମ ରିପୋର୍ଟ ରାଜ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ସରକାର ତଥା କଠିନ ପରିଶ୍ରମ ନାରାର ଅସଲ ଗୁମର ଖୋଲି ଦେଇଛି ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ବିଜେପି ରାଜ୍ୟ ମୁଖପାତ୍ର ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି । ରାଜ୍ୟ ସରକାରଙ୍କ ଏହି ଦୁର୍ନୀତି ବିରୋଧରେ ବିଜେପି ଓଡିଶାବାସୀଙ୍କ ପକ୍ଷରୁ ଅଦାଲତରେ ଲଢିବାକୁ ଚେତାବନୀ ଦେଇଛି ।

ଶ୍ରୀ ଆଚାର୍ଯ୍ୟ ଏକ ସଙ୍ଗୀନ ପ୍ରସଙ୍ଗର ଖୁଲାସା କରି କହିଛନ୍ତି ରାଜ୍ୟ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ସୁତ୍ରରୁ ମିଳିଥିବା ଖବର ଅନୁସାରେ ବିଜୁ ଯୁବବାହିନୀ ବାବଦରେ ସମସ୍ତ ଖର୍ଚ୍ଚକୁ ବନ୍ଦ ରଖିବା ପାଇଁ ସିଏଜି କ୍ରୀଡା ଓ ଯୁବ ବ୍ୟାପାର ସଚିବ ବିଶାଳ ଦେବଙ୍କୁ କଡା ଚିଠି ଲେଖିଛନ୍ତି । କ୍ରୀଡା ଯୁବ ବ୍ୟାପାର ବିଭାଗ, ହକି ବିଶ୍ୱକପରେ ବ୍ୟସ୍ତ ଥିବା କାରଣରୁ ଅଡିଟ୍ ରେ ସହଯୋଗ କରି ପାରିବେ ନାହିଁ ଓ ନଭେମ୍ବର, ଡିସେମ୍ବର ମାସ ପରେ ଅଡିଟ୍ କରିବା ପାଇଁ କହିଥିଲେ । ଶ୍ରୀ ଆଚାର୍ଯ୍ୟ କ୍ରୀଡା ଓ ଯୁବ ବ୍ୟାପାର ବିଭାଗରେ ଥିବା ତଥ୍ୟକୁ ଉଲେଖ କରି କହିଛନ୍ତି ଯଦି ହିସାବ ଦେବାପାଇଁ ସମୟ ନାହିଁ ତେଣୁ ଯୁବବାହିନୀ କ୍ରିୟାନ୍ୱୟନ ପାଇଁ ସମୟ କେମିତି ଅଛି । ଏପରି ପରିସ୍ଥିତିରେ ଖେଳ କାମରୁ ମୁକ୍ତ ହୋଇ ହିସାବ ଦେବା ପର୍ଯ୍ୟନ୍ତ ଯୁବବାହିନୀ ଖର୍ଚ୍ଚ ବାବଦରେ ଟଙ୍କାଟିଏ ତହବିଲରୁ ନେବାକୁ ସିଏଜି ଆକଟ କରିଥିବା ଶ୍ରୀ ଆଚାର୍ଯ୍ୟ କହିଛନ୍ତି । ଏହି ମାମଲାର ସତ୍ୟାସତ୍ୟ କ୍ରୀଡା ଓ ଯୁବବ୍ୟାପାର ସଚିବ ତଥା ବିଜେଡି ଯୁବ ଶାଖାର କାର୍ଯ୍ୟକାରୀ ସଭାପତି ଭାବେ କାର୍ଯ୍ୟ କରୁଥିବା ବିଶାଳ ଦେବ ଉତର ରଖନ୍ତୁ ବୋଲି ଶ୍ରୀ ଆଚାର୍ଯ୍ୟ ଆହ୍ୱାନ କରିଛନ୍ତି । ଶ୍ରୀ ଆଚାର୍ଯ୍ୟ ତାଗ୍ଲ୍ୟ କରି କହିଛନ୍ତି ଯେ, ଆଜିକାଲି ମୁଖ୍ୟମନ୍ତ୍ରୀଙ୍କର ଖେଳରେ ଟିକିଏ ସଉକି ବଢିଯାଇଛି । ଖେଳ ବିଭାଗର ସଚିବ ମଧ୍ୟ ଜଣେ ବଡ ଖେଳାଳି । ତେବେ ଓଡିଶାବାସୀଙ୍କ କଷ୍ଟଅର୍ଜିତ ଧନରେ ଖେଳ ନ ଖେଳିବାକୁ ସେ ଆହ୍ୱାନ କରିଛନ୍ତି । ଏପରିକି ଯୁବବାହିନୀ ବିଜେଡିର ଗୁଣ୍ଡାବାହିନୀ ବୋଲି ଶ୍ରୀ ଆଚାର୍ଯ୍ୟ ଅଭିଯୋଗ କରିଛନ୍ତି ।

ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ, ନବୀନ ପଟ୍ଟନାୟକଙ୍କର ୩ଟି (ଟେକ୍ନୋଲୋଜି, ଟ୍ରାନ୍ସପ୍ୟାରେନ୍ସି ଓ ଟିମ୍ ଓ୍ୱର୍କ) ପାଇଁ ପ୍ରତିବଦ୍ଧତା ନାହିଁ କେବଳ ଘୋଷଣା ସର୍ବସ୍ୱ ଏହା ସମ୍ପୂର୍ଣ୍ଣ ରୂପେ ସ୍ପଷ୍ଟ କରିଛି । ଆମେ ଯୁସି ଦେବୁନାହିଁ କେବଳ ପିସି ନେବୁ ଏହି ରିପୋର୍ଟ ସ୍ପଷ୍ଟ କରିଛି । ଏହାସହ ବିକାଶ କାମକୁ କ୍ରିୟାନ୍ୱିତ କରିବାରେ ବିଫଳତା ଓ ଟେକ୍ନୋଲୋଜି ବ୍ୟବହାର କରି ବ୍ୟବସ୍ଥାକୁ ଟ୍ରାନ୍ସପ୍ୟାରେନ୍ଟ ବା ସ୍ୱଚ୍ଛ ଓ ନିର୍ମଳ କରିବା ପାଇଁ ଆଦୌ ଆଗ୍ରହ ନଥିବା ଏହି ରିପୋର୍ଟ ସ୍ପଷ୍ଟ କରିଛି । ଏହାସହ ରାଜ୍ୟ ସରକାର ନିଜର ସଫଳତା ନେଇ ସତ ବଦଳରେ କେବଳ ମିଛ ହିଁ କହନ୍ତି ଏହି ସିଏଜି ରିପୋର୍ଟ ସ୍ପଷ୍ଟ କରିଛି ।

***(ପୃଷ୍ଠା- ୧/୨)***

ଅତୀତରେ ଉପା ସରକାର ଅମଳରେ ୨ଜି, ରାଜ୍ୟଗୋଷ୍ଠୀ କ୍ରୀଡା, କୋଲ ଗେଟ୍ ସଂର୍ପକରେ ଦୁର୍ନୀତିରେ ଲିପ୍ତ ବୋଲି ସିଏଜି ରିପୋର୍ଟ ପ୍ରକାଶ ପାଇବା ପରେ କଂଗ୍ରେସ ନେତ୍ରୀ ତଥା ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିଳା ଦୀକ୍ଷିତ, କଂଗ୍ରେସ ନେତା ସୁରେଶ କାଲମାଡି, ଡିଏମକେ ନେତା ଏ.ରାଜା ଏବଂ କାନିମୋଝୀଙ୍କୁ ଯେଉଁ  ଦଶା ଭୋଗିବାକୁ ପଡିଥିଲା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ତାଙ୍କ ଟିମ୍‌କୁ ସମାନ ଦଶା ଭୋଗିବାକୁ ପଡିବ ବୋଲି ଶ୍ରୀ ଆଚାର୍ଯ୍ୟ ଚେତାବନୀ ଦେଇଛନ୍ତି ।

ଶ୍ରୀ ଆଚାର୍ଯ୍ୟ କହିଛନ୍ତି ପିସି ଖାଇବା ପାଇଁ ରାଜ୍ୟ ସରକାର ୟୁସି ଦେଇନାହାନ୍ତି । ତ୍ରୟୋଦଶ ଅର୍ଥ କମିଶନରୁ ୧୦୦ କୋଟିଟଙ୍କା ଗୃହ ବିଭାଗ ପାଇଁ ଅନୁଦାନରୁ କେନ୍ଦ୍ର ଦେଇଥିବା ୭୫ କୋଟିଟଙ୍କା ପାଇବା ପରେ ଏହାର ୟୁସି ନଦେବା କାରଣରୁ ରାଜ୍ୟ ସରକାରଙ୍କୁ ୨୫ କୋଟି ଟଙ୍କା କେନ୍ଦ୍ରୀୟ ଅର୍ଥକୁ ହରାଇବାକୁ ପଡିଲା । ୟୁସି ନଦେବା ପଛର କାରଣ ହେଲା ୭୫ କୋଟିଟଙ୍କା ଖର୍ଚ୍ଚ ନକରି ରାଜ୍ୟ ସରକାର ଚଳୁ କରିଦେଇଛନ୍ତି । ଓଡିଶା ଲୋକଙ୍କ ସୁରକ୍ଷା ପାଇଁ ଉଦିଷ୍ଟ ୨୫ କୋଟିଟଙ୍କା ପଛେ ବରବାଦ ହେଉ ରାଜ୍ୟ ସରକାର ୟୁସି ଦେବାକୁ ପଛାଇଛନ୍ତି । ସେହିପରି ଓାକିଟକି କିଣା, ଜାମର କିଣା, କର୍ମଚାରୀଙ୍କ ଗୃହ ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା ସିଏଜି ତାଙ୍କ ରିପୋର୍ଟରେ ଉଲେଖ କରିଛନ୍ତି । ଶ୍ରୀ ଆଚାର୍ଯ୍ୟ କହିଛନ୍ତି ସରକାରୀ ଡାକ୍ତରଖାନାରେ ସରଞ୍ଜାମ କିଣା, ନବକଳେବର ସମୟରେ ଅର୍ଥ ବାଟମାରଣା, ବାତ୍ୟା ଅଂଚଳରେ ବାସଗୃହ ନିର୍ମାଣ ସବୁଥିରେ ଦୁର୍ନୀତି ହୋଇଛି ।

ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ ରାଜ୍ୟ ସରକାର ଖୋଦ ମୁଖ୍ୟମନ୍ତ୍ରୀଙ୍କ ଅଧିନରେ ବିଗତ ଦିନରେ ଥିବା ପୂର୍ତ୍ତ ବିଭାଗର ହିସାବ ପରିଚାଳନା, ସୂଚନା ପଦ୍ଧତିରେ ସୂଚନା ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ନକରି ଇଲେକଟ୍ରୋନିକସ ଓାର୍କ ଫ୍ଲୋର ବ୍ୟବହାର କରିଛନ୍ତି । ଖୋଦ ମହାଲେଖାକାର ତାଙ୍କ ରିପୋର୍ଟରେ ମାର୍ଚ୍ଚ ୨୦୧୭ ସୁଦ୍ଧା ପୂର୍ତ୍ତ ବିଭାଗ ୧୨ ପ୍ରତିଶତ କାର୍ଯ୍ୟରେ ଇଲେକ୍ଟ୍ରୋନିକ୍ ବ୍ୟବସ୍ଥାରେ ବ୍ୟବହାର କରିଥିବା ବେଳେ ଅନ୍ୟ ସମସ୍ତ କାର୍ଯ୍ୟ ମାନୁଆଲ ପକ୍ରିଆରେ କରିଛନ୍ତି । ଏହା କଣ ନବୀନ ପଟ୍ଟନାୟକ ଟେକ୍ନୋଲୋଜି ଓ ଟ୍ରାନ୍ସଫରେନ୍ସିର ୨ଟି ବୋଲି ସେ ପ୍ରଶ୍ନ କରିଛନ୍ତି ।

ଶ୍ରୀ ଆଚାର୍ଯ୍ୟ କହିଛନ୍ତି ମହାଲେଖାକାରଙ୍କ ରିପୋର୍ଟ ରାଜ୍ୟ ସରକାରଙ୍କ ସ୍ଥାଣୁତା, ଅପାରଗତାକୁ ସ୍ୱଷ୍ଟ କରିଛି । ୨୦୧୭ ସୁଦ୍ଧା ୩୫ ପ୍ରତିଶତ ପରିବାରକୁ ଜଳଯୋଗାଣ ବ୍ୟବସ୍ଥାର ଲକ୍ଷ୍ୟ ଥିବା ବେଳେ ଏହା ୩.୭ ପ୍ରତିଶତରେ ପହଁଚିଛି । ୧୯ ବର୍ଷର ସରକାରକୁ ଓଡିଆ ଲୋକମାନଙ୍କୁ ଶୁଦ୍ଧ ପାନୀୟ ଦଳ ଯୋଗାଇବା ପାଇଁ ଆଉ କେତେବର୍ଷ ଲାଗିବ ଓ ଏହା କଠିନ ପରିଶ୍ରମର ଫଳ କି ବୋଲି ଶ୍ରୀ ଆଚାର୍ଯ୍ୟ ପ୍ରଶ୍ନ କରିଛନ୍ତି ।

ଶ୍ରୀ ଆଚାର୍ଯ୍ୟ କହିଛନ୍ତି ରାଜ୍ୟ ସରକାରଙ୍କ ମିଛ ପ୍ରଚାରର ମଧ୍ୟ ମହାଲେଖାକାର ଖୁଲାସା କରିଛନ୍ତି । ପ୍ରଧାନମନ୍ତ୍ରୀ ଗ୍ରାମସଡକ ନିର୍ମାଣରେ ଓଡିଶା ଦେଶର ପ୍ରଥମ ରାଜ୍ୟ ଭାବେ ଦାବି କରି ପ୍ରଥମ ପୃଷ୍ଠାରେ ରଙ୍ଗୀନ ବିଜ୍ଞାପନ ଦେଇଥିବା ବେଳେ ଏହି କାର୍ଯ୍ୟରେ ରାଜ୍ୟ ସରକାରଙ୍କ ମନ୍ଥରତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ସିଏଜି । ଏଥିପାଇଁ ଓଡିଶା ୧୫୫ କୋଟି ଟଙ୍କାର କେନ୍ଦ୍ରୀୟ ସହାୟତାରୁ ବଂଚିତ ହେଲା ବୋଲି ସିଏଜି ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି ଯାହାକି ନବୀନ ସରକାରଙ୍କର କେନ୍ଦ୍ର ଅବହେଳା ନାରାକୁ ମିଥ୍ୟା ବୋଲି ପ୍ରମାଣିତ କରୁଛି ।

ଶ୍ରୀ ଆଚାର୍ଯ୍ୟ କହିଛନ୍ତି ମୁଖ୍ୟମନ୍ତ୍ରୀ ମୋନାଲିସା ହସ ହସୁଥିବା କଥା ବିଗତ ଦିନରେ କହିଥିଲି । ଏବେ ସେହି ହସ ରାବଣର ହସ, ମହାଭାରତର ଦୁର୍ଯ୍ୟୋଧନ ହସ, ଦ୍ୱାପରର କଂସର ହସ ସହିତ ମିଶିଯାଉଛି । ଏହି ହସ ରହିଲେ ହେଲା ବୋଲି ସେ କହିବା ସହ ମୟୁରଭଞ୍ଜ ଜିଲାରେ ହୋଇଥିବା କୃଷି ଦୁର୍ନୀତିକୁ ସରକାର ସ୍ୱୀକାର କରିଥିବା ବେଳେ ତଦନ୍ତ କାହିଁକି କରିନଥିଲେ ତାହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ।

ଏହି ସାମ୍ବାଦିକ ସମ୍ମିଳନୀରେ ବିଧାୟକ ପ୍ରଦୀପ ପୁରୋହିତ ଏବଂ ରାଜ୍ୟ ଉପସଭାପତି ଶ୍ରୀ ସମୀର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

**(ବିଜେପି ମିଡିଆ ସେଲ୍)**

*(ପୃଷ୍ଠା- ୨/୨)*